# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 10 March - 2026

*********************************

## ମୁଖ୍ୟ ସମ୍ବାଦ

- ଜଳଜୀବନ ମିଶନକୁ ୨୦୨୮ ମସିହା ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

— ପିବି-ଶବ୍ଦ ପ୍ଲାଟଫର୍ମର ନିଶୁଳ୍କ ସେବାକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧି ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା

- ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଉପରେ ଜାରି ରହିଛି ଆଲୋଚନା

- ଭୁବନେଶ୍ୱରଠାରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଆଉ ଦୁଇଦିନ ବୃଦ୍ଧି

ଏବଂ

- ରାଜ୍ୟରେ ରକ୍ତଶିକୁଳୀ ଜନିତ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ନିଶ୍ଚିତ କରୁଛନ୍ତି ଉତ୍ତମ ଚିକିତ୍ସା

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜଳଜୀବନ ମିଶନ ୨.୦କୁ ୨୦୨୮ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବାକୁ ମଞ୍ଜୁରୀ ମିଳିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜଳଜୀବନ ମିଶନରେ ପାଇପ୍ ଲାଇନ୍, ଟ୍ୟାଙ୍କ ଓ ଟ୍ୟାପ୍ ଜଳ ସଂଯୋଗ ଆଦିର ଜିଆଇଏସ୍ ଆଧାରିତ ମ୍ୟାପିଂ କରାଯିବା ସହିତ ଡିଜିଟାଲ ଏବଂ ବୈଷୟିକ ଉପକରଣର ବ୍ୟବହାର ହେବ। ଜଳଜୀବନ ମିଶନ୍‌ର ପୁନର୍ଗଠନ ନେଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହୋଇଥିବା ଆଲୋଚନାରେ ୩ ଦଶମିକ୍ ୫/୯ ଲକ୍ଷ କୋଟି କେନ୍ଦ୍ରୀୟ ସହାୟତା ସହ ୮ ଦଶମିକ୍ ୬/୯ ଲକ୍ଷ କୋଟି ଟଙ୍କା ଏହି କାର୍ଯ୍ୟକ୍ରମରେ ବିନିଯୋଗ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି....

**- V/O -**

କେନ୍ଦ୍ର ସରକାରଙ୍କ ଦ୍ୱାରା ଏକକ ଜାତୀୟ ଡିଜିଟାଲ୍ ଫ୍ରେମ୍‌ୱାର୍କ 'ସୁଜଳମ୍ ଭାରତ' ଆରମ୍ଭ କରାଯାଇ ପ୍ରତ୍ୟେକ ଗ୍ରାମକୁ ସୁଜଳ ଗାଁ / ସର୍ଭିସ୍ ଏରିଆ ଆଇ.ଡି. ଦିଆଯିବ । ଏହାଦ୍ୱାରା ସମ୍ପୂର୍ଣ୍ଣ ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ଡିଜିଟାଇଜେସନ୍ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇପାରିବ ।

ପ୍ରସାର ଭାରତୀ ପକ୍ଷରୁ ଆରମ୍ଭ କରାଯାଇଥିବା ପିବି-ଶବ୍ଦ ପ୍ଲାଟଫର୍ମର ନିଶୁଳ୍କ ସେବାକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O -**

ଗଣମାଧ୍ୟମ ସଂସ୍ଥାମାନେ shabd.prasarbharti.org ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ଏହି ସେବାକୁ ନିଶୁଳ୍କରେ ବ୍ୟବହାର କରିପାରିବେ। ୨୦୨୪ ମସିହା ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିବା ଏହି ସେବା ମାଧ୍ୟମରେ ଗଣମାଧ୍ୟମ ସଂସ୍ଥାମାନଙ୍କୁ ଲୋଗୋବିହିନ ଭିଡିଓ, ଅଡିଓ, ଟେକ୍ସ ଓ ଫଟୋ ସମ୍ବାଦ ଉପଲବ୍ଧ କରାଯାଉଛି। ପିବି-ଶବ୍ଦ ମାଧ୍ୟମରେ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ, ପ୍ରେସ୍ ବିବୃତ୍ତି ସହ ବିଭିନ୍ନ ଲାଇଭ୍ ଫିଡ୍ ଉପଲବ୍ଧ ହେଉଛି।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜଳଜୀବନ ମିଶନ ଦ୍ୱିତୀୟ ପର୍ଯ୍ୟାୟକୁ ୨୦୨୮ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବାକୁ ମଞ୍ଜୁରୀ ମିଳିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜଳଜୀବନ ମିଶନରେ ପାଇପ୍ ଲାଇନ୍, ଟ୍ୟାଙ୍କ ଓ ଟ୍ୟାପ୍ ଜଳ ସଂଯୋଗ ଆଦିର ଜିଆଇଏସ୍ ଆଧାରିତ ମ୍ୟାପିଂ କରାଯିବା ସହିତ ଡିଜିଟାଲ ଏବଂ ବୈଷୟିକ ଉପକରଣର ବ୍ୟବହାର ହେବ। ଜଳଜୀବନ

ମିଶନ୍‌ର ପୁନର୍ଗଠନ ନେଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହୋଇଥିବା ଆଲୋଚନାରେ ୩ ଦଶମିକ୍ ୫/୯ ଲକ୍ଷ କୋଟି କେନ୍ଦ୍ରୀୟ ସହାୟତା ସହ ୮ ଦଶମିକ୍ ୬/୯ ଲକ୍ଷ କୋଟି ଟଙ୍କା ଏହି କାର୍ଯ୍ୟକ୍ରମରେ ବିନିଯୋଗ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି....

# - V/O -

କେନ୍ଦ୍ର ସରକାରଙ୍କ ଦ୍ୱାରା ଏକକ ଜାତୀୟ ଡିଜିଟାଲ୍ ଫ୍ରେମ୍‌ୱାର୍କ 'ସୁଜଳମ୍ ଭାରତ' ଆରମ୍ଭ କରାଯାଇ ପ୍ରତ୍ୟେକ ଗ୍ରାମକୁ ସୁଜଳ ଗାଁ / ସର୍ଭିସ୍ ଏରିଆ ଆଇ.ଡି. ଦିଆଯିବ । ଏହାଦ୍ୱାରା ସମ୍ପୂର୍ଣ୍ଣ ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ଡିଜିଟାଇଜେସନ୍ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇପାରିବ ।

ପ୍ରସାର ଭାରତୀ ପକ୍ଷରୁ ଆରମ୍ଭ କରାଯାଇଥିବା ପିବି-ଶବ୍ଦ ପ୍ଲାଟଫର୍ମର ନିଶୁଳ୍କ ସେବାକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଗଣମାଧ୍ୟମ ସଂସ୍ଥାମାନେ shabd.prasarbharti.org ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ଏହି ସେବାକୁ ନିଶୁଳ୍କରେ ବ୍ୟବହାର କରିପାରିବେ । ୨୦୨୪ ମସିହା ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିବା ଏହି ସେବା ମାଧ୍ୟମରେ ଗଣମାଧ୍ୟମ ସଂସ୍ଥାମାନଙ୍କୁ ଲୋଗୋବିହିନ ଭିଡିଓ, ଅଡିଓ, ଟେକ୍ସ ଓ ଫଟୋ ସମ୍ବାଦ ଉପଲବ୍ଧ କରାଯାଉଛି । ପିବି-ଶବ୍ଦ ମାଧ୍ୟମରେ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ, ପ୍ରେସ୍ ବିବୃତ୍ତି ସହ ବିଭିନ୍ନ ଲାଇଭ୍ ଫିଡ୍ ଉପଲବ୍ଧ ହେଉଛି ।

## ବିଧାନସଭା-ଖର୍ଚ୍ଚଦାବି

ସପ୍ତଦଶ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଗୃହରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଛି। ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୬ ହଜାର ୫୩୮ କୋଟି ଟଙ୍କାର ଖର୍ଚ୍ଚଦାବି ଉପସ୍ଥାପିତ କରିଥିଲେ। ଏହା ଉପରେ ଜାରି ଆଲୋଚନାରେ ସଦସ୍ୟ ପ୍ରତାପ ଦେବ, ଅଶୋକ ଦାସ, ଦିବ୍ୟଶଙ୍କର ମିଶ୍ର, ସନ୍ତୋଷ ଖଟୁଆ, ମଙ୍ଗୁ ଖିଲ, ପଦ୍ମଲୋଚନ ପଣ୍ଡା, ପ୍ରସନ୍ନ ଆଚାର୍ଯ୍ୟ ଓ ଅଶ୍ୱିନୀ ଷଡଙ୍ଗୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଛନ୍ତି। ଆଲୋଚନା ଶେଷରେ ମନ୍ତ୍ରୀ ଉତ୍ତର ରଖିବା ପରେ ଖର୍ଚ୍ଚଦାବି ଗୃହିତ ହେବ ବୋଲି ଜଣାପଡିଛି।

## ବିଧାନସଭା-ଉପନିର୍ବାଚନ

ରାଜ୍ୟରେ ଚଳିତବର୍ଷ ପଞ୍ଚାୟତ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ସଦସ୍ୟ ସନାତନ ମହାକୁଡଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ନାୟକ କହିଛନ୍ତି ମୃତ୍ୟୁଜନିତ ଖାଲି ପଦବୀକୁ ଚଳିତବର୍ଷ ନିର୍ବାଚନ କରାଇ ପୂରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ମୃତ୍ୟୁ ପରେ ଖାଲି ପଡିଥିବା ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

## ବିଧାନସଭା-ଜଙ୍ଗଲ ନିଆଁ

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗୁଥିବା ନିଆଁକୁ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ଯଥାଶୀଘ୍ର ଆୟତ୍ତ କରି ପରିବେଶକୁ ଦୂଷିତ ହେବାରୁ ରକ୍ଷା କରାଯିବା ସହିତ ଜଙ୍ଗଲ ଧ୍ୱଂସର ପରିମାଣ ରୋକାଯାଇ ପାରୁଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଜଙ୍ଗଲ ଆଭ୍ୟନ୍ତରୀଣ ତଥା ସୀମାବର୍ତ୍ତୀ ଅଂଚଳରେ ଅଗ୍ନି ପ୍ରଶମନ ରେଖା ସୃଷ୍ଟି କରାଯାଇଛି। ବନଖଣ୍ଡ ଓ ରେଞ୍ଜସ୍ତରୀୟ ସଚେତନତା ଅଭିଯାନ, ବନ ସଚେତନତା କାର୍ଯ୍ୟକ୍ରମର ସୂଚନା, ବ୍ୟାନର ଓ ବିଜ୍ଞାପନକୁ ସଠିକ ସ୍ଥାନରେ ପ୍ରଦର୍ଶନ ସହିତ ବନାଗ୍ନି ନିର୍ବାପନ ମକ୍‌ଡ୍ରିଲ୍ କରାଯାଉଛି। ଗତ ଦୁଇବର୍ଷରେ ୮ ହଜାର ହେକ୍ଟର ଜଙ୍ଗଲ ନିଆଁରେ କ୍ଷତିଗ୍ରସ୍ତ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ଭାରତୀୟ ନ୍ୟାୟ ସଂହିତା

ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପର ଶ୍ରେଷ୍ଠ ପ୍ରମାଣ ଭାରତୀୟ ନ୍ୟାୟ ସଂହିତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।  ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିବା ସହ ମୁଖ୍ୟମନ୍ତ୍ରୀ ଏହି ପ୍ରଦର୍ଶନୀ ଅବଧିକୁ ଆଉ ଦୁଇଦିନ ବଢ଼ାଇବା ପାଇଁ ଘୋଷଣା କରିଛନ୍ତି। ନୂଆ ଆଇନ୍ ଲାଗୁ ହେବା ପରେ ଅପରାଧ ନିୟନ୍ତ୍ରଣ

ଢ଼ାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ରାଜ୍ୟରେ ୨୦୨୫ ମସିହା ଶେଷ ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ ହାର ୮୭ ଦଶମିକ ୬ ପ୍ରତିଶତକୁ ବୃଦ୍ଧି ପାଇଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହି ଆଇନ୍ ଦ୍ୱାରା ତଦନ୍ତଠାରୁ ବିଚାର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଉନ୍ନତି ଆସିବା ସହ ୨୦୨୫ରେ ଜିରୋ ଏଫ୍‌ଆଇଆର ସଂଖ୍ୟା ୧୬୬ ପ୍ରତିଶତକୁ ବୃଦ୍ଧି ପାଇଛି। ପୁଲିସ୍‌କୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ବାଲାଟ ବକ୍ସ ପହଞ୍ଚିଛି। ଆସନ୍ତା ସୋମବାର ଦିନ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ । ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ, କଂଗ୍ରେସ-ବିଜେଡିର କମନ୍ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଓଡ଼ିଶା, ବିହାର ଓ ହରିୟାଣା ପାଇଁ

ବିଜେପି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ଓଡ଼ିଶା ପାଇଁ ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଚନ୍ଦ୍ରଶେଖର ବାବନକୁଲେ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।

## ରକ୍ତଶିକୁଳି

ରାଜ୍ୟରେ ରକ୍ତଶିକୁଳି ଜନିତ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ଉତ୍ତମ ଚିକିତ୍ସା ନିଶ୍ଚିତ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ହିମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଦୀର୍ଘକାଳୀନ ରକ୍ତଜନିତ ରୋଗ ଥାଲାସେମିଆ ଓ ହିମୋଫିଲିଆ ରୋଗୀମାନଙ୍କୁ ଚିକିତ୍ସା ପାଇଁ ହସ୍‌ପିଟାଲ ଯାତାୟତ ସହାୟତା ସ୍ୱରୂପ ପ୍ରତି ମାସ ୫୦୦ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ରାଜ୍ୟରେ ପ୍ରଥମ ଥର ପାଇଁ ହିମୋଫିଲିଆ ଓ ଭନ୍‌ୱିଲିବ୍ରାଣ୍ଡ ରୋଗରେ ପୀଡିତ ରୋଗୀଙ୍କ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଆସନ୍ତା ଏପ୍ରିଲ ମାସ ୧୭ ତାରିଖ ହିମୋଫିଲିଆ ଦିବସରେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ପ୍ରବାସୀ ଓଡ଼ିଆ

ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକରେ ଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବାକୁ ସରକାର ସମସ୍ତ ପ୍ରୟାସ ଜାରି ରଖଛନ୍ତି ବୋଲି ପଞ୍ଚାୟତିରାଜ

ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ଟୋଲ ଫ୍ରି ନମ୍ବର ଜାରି ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ମହାନଦୀ ଟ୍ରିବ୍ୟୁନାଲ

ମହାନଦୀ ଜଳବିବାଦ ପ୍ରସଙ୍ଗରେ ଆଜି ମହାନଦୀ ପ୍ରାଧିକରଣର ସଦସ୍ୟମାନେ ଛତିଶଗଡ଼ ରାୟଗଡ଼ରେ କେଲୋ ଡ୍ୟାମ୍ ଓ କଲମା ବ୍ୟାରେଜ୍ ପରିଦର୍ଶନ କରିଛନ୍ତି। ଜଳବିବାଦ ଉପରେ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ ଓ ସଦସ୍ୟମାନେ ରାୟଗଡ଼ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପର ଅନୁଧ୍ୟାନ କରିଛନ୍ତି। ଗତମାସରେ ମହାନଦୀ ପ୍ରାଧିକରଣର ୧୦ ଜଣିଆ ସଦସ୍ୟ ଓଡ଼ିଶା ଗସ୍ତରେ ଆସି ହୀରାକୁଦ ଡ୍ୟାମ୍, ବୁର୍ଲା ପାୱାରହାଉସ୍, ଚିପିଲିମା ପାୱାରହାଉସ୍ ପରିଦର୍ଶନ କରି ଜଳବିବାଦର ତଥ୍ୟ ସଂଗ୍ରହ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆସନ୍ତା ୧୪ ତାରିଖ ଶନିବାର ପୂର୍ବାହ୍ଣ ୧୦ଘଟିକା ସମୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ୍ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ।

## ଏସ୍‌ଆଇଆର

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଆରମ୍ଭ ହୋଇଛି। ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଏବଂ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଏବଂ ଆବଶ୍ୟକ ସୁବିଧା ସମୂହ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଅଭିଯୋଗ ଶୁଣାଣି

ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୁଲ୍ୟରେ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଝାରସୁଗୁଡ଼ା,

ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ମହିଳାମାନଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୪୯ଟିର ଶୁଣାଣି କରାଯାଇଛି।

## ବାୟୁ ସ୍ୱାସ୍ଥ୍ୟସେବା

**ନବରଙ୍ଗପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଆରମ୍ଭ ହୋଇଛି। ଶିବିରର ପ୍ରଥମ ଦିନରେ ୨୩୦ ଜଣ ରୋଗୀ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଦୁର୍ଘଟଣା

**ରାୟଗଡ଼ା** ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଜଗନ୍ନାଥ ମନ୍ଦିର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍‌କା ହେବା ଫଳରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡେମ୍ ମହୋତ୍ସବ

**ନୂଆପଡ଼ା** ଜିଲ୍ଲା ଖଡିଆଳ କୋମନା ବ୍ଲକ୍ ସୀମାନ୍ତ ଅଞ୍ଚଳ ତୀଖାଲି ଡେମ୍ ମହୋତ୍ସବ ୨୦୨୬ ପାଳନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୩, ୧୪ ଏବଂ ୧୫ ତାରିଖ ୩ ଦିନ ବ୍ୟାପୀ ଏହି ଲୋକ ମହୋତ୍ସବ ପାଳିତ ହେବ ବୋଲି ଜଣାପଡିଛି।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ **ଭଦ୍ରକ** ଜିଲ୍ଲାରୁ ୧୦୬ ଜଣ ବରିଷ୍ଠ ତୀର୍ଥଯାତ୍ରୀ ବସ୍ ଯୋଗେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀର୍ଥଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।